# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

**27 November - 2024**

**News Editor : Itishree Singh Rathaur**

*********************************

## ମୁଖ୍ୟ ସମ୍ବାଦ

- ବିଧାନସଭାରେ ଆଜି ଗୃହକାର୍ଯ୍ୟ ସ୍ୱାଭାବିକ; ଶୂନ୍ୟକାଳରେ ବିଭିନ୍ନ ମୁଲତବୀ ପ୍ରସ୍ତାବ ଉପରେ ଅଲୋଚନା
- ରାଜ୍ୟରେ ୨ କୋଟି ଅଣସ୍ତୁରୀ ଲକ୍ଷରୁ ଊର୍ଦ୍ଧ୍ୱ ରାସନକାର୍ଡ ହିତାଧିକାରୀଙ୍କ ଇ-କେଓ୍ୱାଇସି ଯାଞ୍ଚ ଶେଷ ହୋଇଥିବା କହିଲେ ଯୋଗାଣମନ୍ତ୍ରୀ
- ‘ବାଲ୍ ବିବାହ ମୁକ୍ତ ଭାରତ’ ଜାତୀୟ ଅଭିଯାନର ହେଲା ଶୁଭାରମ୍ଭ

ଏବଂ

- ପୁରୀ ଶ୍ରୀମନ୍ଦିରରେ ବନକଲାଗି ନୀତି ପାଇଁ ଆଜି ୫ ଘଣ୍ଟା ବନ୍ଦ ରହିବ ସାଧାରଣ ଦର୍ଶନ

## ବିଧାନସଭା-୧

ବିଧାନସଭାର ଶୀତକାଳୀନ ଅଧିବେଶନର ଦ୍ୱିତୀୟ କାର୍ଯ୍ୟଦିବସରେ ଆଜି ଗୃହକାର୍ଯ୍ୟ ସୁରୁଖୁରୁରେ ଚାଲିଛି । ଶୂନ୍ୟକାଳରେ ବିଭିନ୍ନ ମୁଲତବୀ ପ୍ରଶ୍ନ ଉପରେ ଆଲୋଚନା ହୋଇଛି ।

## ଇ-କେଓ୍ୱାଇସି

ରାଜ୍ୟରେ ଲକ୍ଷାଧିକ ମୃତ ହିତାଧିକାରୀଙ୍କ ନାମରେ ରାସନ ସାମଗ୍ରୀ ପ୍ରଦାନ କରାଯାଉଥିଲା । ଇ-କେଓ୍ୱାଇସି ଯାଞ୍ଚ ପ୍ରକ୍ରିୟାରେ ୧ଲକ୍ଷ ୭୭ ହଜାର ୬୮ ଜଣ ମୃତ ହିତାଧିକାରୀଙ୍କ ନାମରେ ଥିବା କାର୍ଡକୁ ଚିହ୍ନଟ କରାଯାଇ ରାସନକାର୍ଡ ତଥ୍ୟାବଳୀରୁ ବାଦ୍ ଦିଆଯାଇଛି । ବିଧାୟକ ମାନସ ଦତ୍ତଙ୍କ ପ୍ରଶ୍ନର ଉତ୍ତର ଦେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଧାନସଭାରେ ଏହି ତଥ୍ୟ ଦେଇଛନ୍ତି । ରାଜ୍ୟରେ ମୋଟ୍ ୩ କୋଟି ୩୬ ଲକ୍ଷ ୩୫ ହଜାର ୯୧୮ ହିତାଧିକାରୀଙ୍କ ମଧ୍ୟରୁ ଆଜି ସୁଦ୍ଧା ୨ କୋଟି ଅଣସ୍ତୁରୀ ଲକ୍ଷ ୨୩ ହଜାର ୮୩୦ ହିତାଧିକାରୀଙ୍କ ଇ-କେଓ୍ୱାଇସି ଯାଞ୍ଚ କାର୍ଯ୍ୟ ଶେଷ ହୋଇଛି । ଏହା ସହ  ନୂତନ ରାସନକାର୍ଡ ପାଇଁ ୬ ଲକ୍ଷ ୧୯ ହଜାର ୮୩୬ ଆବେଦନପତ୍ର ଗ୍ରହଣ କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି ।

## ବିଦ୍ୟୁତ୍ ସଂଯୋଗ-ଉପମୁଖ୍ୟମନ୍ତ୍ରୀ

ରାଜ୍ୟର ସମସ୍ତ ରାଜସ୍ୱ ଗ୍ରାମରେ ବିଦ୍ୟୁତ୍ ସଂଯୋଗ କରାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି । ତେବେ କେତେକ ପଡ଼ା ଗ୍ରାମରେ ବିଜୁଳି ପହଞ୍ଚି ପାରିନାହିଁ । ସେ ନେଇ ଅନୁଧ୍ୟାନ କରାଯାଇ ତୁରନ୍ତ ବିଜୁଳି ସଂଯୋଗ କରାଯିବାକୁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି । ଆଜି ପ୍ରଶ୍ନକାଳରେ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ସିଂହଦେଓ କହିଛନ୍ତି, ଓଡ଼ିଶା ଅକ୍ଷୟଶକ୍ତି ଉନ୍ନୟନ ସଂସ୍ଥା-ଓରେଡାକୁ ଅଧିକ କ୍ରିୟାଶୀଳ

କରିବା ପାଇଁ ଖାଲିପଡ଼ିଥିବା ପଦବୀ ପୂରଣ ଲାଗି ପଦକ୍ଷେପ ନିଆଯାଉଛି ।

ସେହିପରି ଦଶପଲ୍ଲାରେ ଗ୍ରୀଡ୍ ଓ ସବ୍‌ଷ୍ଟେସନ୍ ପ୍ରତିଷ୍ଠା ପାଇଁ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଅନୁମତି ପ୍ରଦାନ କରିସାରିଛି । ଖୁବ୍‌ଶୀଘ୍ର ଏଥିପାଇଁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ରାଜ୍ୟରେ ମୋଟ୍ ୩ ହଜାର ୭୮୫ଟି ସୌରଚାଳିତ ପମ୍ପ ପ୍ରତିଷ୍ଠା ହୋଇଥିବା ଶ୍ରୀ ସିଂହଦେଓ  କହିଛନ୍ତି ।

## ବିଧାନସଭା- ଉପମୁଖ୍ୟମନ୍ତ୍ରୀ

ବାର୍‌ହା ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଇବା ଯୋଗୁଁ ହାତୀମାନଙ୍କ ମୃତ୍ୟୁ ହେଉଥିବା ଅଭିଯୋଗ ନେଇ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଆଜି ବିଧାନସଭାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ପ୍ରଶ୍ନକାଳରେ ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି, ଏଭଳି କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏପରିକି ସେମାନଙ୍କ ଘରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବ ବୋଲି ମନ୍ତ୍ରୀ ଗୃହରେ କହିଛନ୍ତି ।

## ଗନ୍ଧମାର୍ଦ୍ଦନ-ଉପମୁଖ୍ୟମନ୍ତ୍ରୀ

ଗନ୍ଧମାର୍ଦ୍ଦନ ପର୍ବତରେ କୌଣସି କମ୍ପାନୀକୁ ଶିଳ୍ପ କାରଖାନା ପ୍ରତିଷ୍ଠା ପାଇଁ ଅନୁମତି ଦିଆଯାଇ ନାହିଁ କିମ୍ବା  ଭବିଷ୍ୟତରେ ମଧ୍ୟ ଅନୁମତି ଦିଆଯିବ ନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଆଜି

ବିଧାନସଭାରେ କହିଛନ୍ତି । ଶୂନ୍ୟକାଳରେ ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ଏକ ପ୍ରଶ୍ନର ଉତ୍ତର ରଖି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ବଲାଙ୍ଗୀର ଜିଲ୍ଲାର ଖପ୍ରାଖୋଲ ବ୍ଲକରେ ଘରୋଇ କମ୍ପାନୀକୁ ବନୀକରଣ ପାଇଁ ଅନୁମତି ଦିଆଯାଇଛି ।

## ଶୀତଳ ଭଣ୍ଡାର

ରାଜ୍ୟର ୫୮ଟି ସବ୍‌ଡିଭିଜନରେ ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ ସରକାର ଯୋଜନା କରୁଛନ୍ତି । ଆବଶ୍ୟକତାକୁ ଦୃଷ୍ଟିରେ ରଖି ପିପିପି ମୋଡରେ ଉନ୍ନତମାନର ଶୀତଳଭଣ୍ଡାର ନିର୍ମାଣ କରିବା ପାଇଁ ବିଧାନସଭାରେ ପ୍ରଶ୍ନକାଳରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି । ଆବଶ୍ୟକ ମାର୍ଗଦର୍ଶିକା ଅନୁସାରେ ଶୀତଳ ଭଣ୍ଡାର ନିର୍ମାଣ କରାଯିବ ବୋଲି ଶ୍ରୀ ସିଂହଦେଓ କହିଛନ୍ତି ।

# ଉଭୟ ସଦନ ମୁଲତବୀ

ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ସଦନକୁ ଆଜି ଦିନକ ପାଇଁ ମୁଲତବୀ ରଖାଯାଇଛି । ଲୋକସଭା ଅଧିବେଶନ ଆଜି ଆରମ୍ଭ ହେବାକ୍ଷଣି ବିରୋଧୀ ଦଳର ସଦସ୍ୟମାନେ ଏକ ପ୍ରମୁଖ ବ୍ୟବସାୟୀ ଗୋଷ୍ଠୀ ବିରୋଧରେ ଲାଞ୍ଚ ଅଭିଯୋଗ ଏବଂ ଅନ୍ୟକେତେକ ପ୍ରସଙ୍ଗ ନେଇ ଗୃହ ମଧ୍ୟଭାଗରେ ହଟ୍ଟଗୋଳ କରିଥିଲେ । ବାଚସ୍ପତି ଓମ୍ ବିର୍ଲା ଗୃହର ଶୃଙ୍ଖଳା ଏବଂ ମର୍ଯ୍ୟାଦା ବଜାୟ ରଖିବାକୁ ସଦସ୍ୟଙ୍କୁ ବାରମ୍ବାର ଅନୁରୋଧ କରିଥିଲେ । ତେବେ ବିରୋଧୀ ସଦସ୍ୟମାନେ

ହଟ୍ଟଗୋଳ ଜାରି ରଖିବାରୁ ବାଚସ୍ପତି ଗୃହକୁ  ମୁଲତବୀ ଘୋଷଣା କରିଛନ୍ତି ।

ସେହିଭଳି ରାଜ୍ୟସଭାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ ପରେ ଗୃହକୁ ମୁଲତବୀ ଘୋଷଣା କରାଯାଇଛି ।

## ଅନ୍ନପୂର୍ଣ୍ଣାଦେବୀ–ବାଲ ବିବାହ

କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଆଜି ନୂଆଦିଲ୍ଲୀରେ 'ବାଲ୍ ବିବାହ ମୁକ୍ତ ଭାରତ' ଜାତୀୟ ଅଭିଯାନର ଶୁଭାରମ୍ଭ କରିଛନ୍ତି । କାର୍ଯ୍ୟକ୍ରମରେ  ମନ୍ତ୍ରୀ ବାଲ୍ୟବିବାହ ମୁକ୍ତ ଭାରତ ଗଠନ ପାଇଁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ଏହି ଅଭିଯାନକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ହେବ । ଗତ ୧୦ବର୍ଷ ମଧ୍ୟରେ ଦେଶ ମହିଳା ସଶକ୍ତିକରଣ କ୍ଷେତ୍ରରେ ବଡ଼ ଉପଲବ୍ଧି ହାସଲ କରିଛି । ୨୦୨୩-୨୪ ଆର୍ଥିକ ବର୍ଷରେ ଲିଙ୍ଗ ଅନୁପାତ ବୃଦ୍ଧି ପାଇ ପ୍ରତି ୧ ହଜାର ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ୯୩୦ରେ ପହଞ୍ଚିଛି । ସେହିଭଳି ଶ୍ରମ କ୍ଷେତ୍ରରେ ମଧ୍ୟ ମହିଳାଙ୍କ ଭାଗିଦାରୀ ୪୧ ପ୍ରତିଶତକୁ ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି ।

ସୂଚନା ଅନୁସାରେ, ଦେଶକୁ ବାଲ୍ୟ ବିବାହ ମୁକ୍ତ ରାଷ୍ଟ୍ରରେ ପରିଣତ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ । ଏହି ଅବସରରେ ବାଲ୍ୟ ବିବାହ ମୁକ୍ତ ଭାରତ ପୋର୍ଟାଲ୍‌ର ମଧ୍ୟ ଉନ୍ମୋଚନ ହୋଇଛି ।

## ପି.ଏମ୍. - ଡି.ଜି.ପି. ସମ୍ମିଳନୀ

ସର୍ବଭାରତୀୟ ପୁଲିସ ମହାନିର୍ଦ୍ଦେଶକ ସମ୍ମିଳନୀରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତିନି ଦିନିଆ ଓଡ଼ିଶା ଗସ୍ତରେ ଆସି ଆସନ୍ତା ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିବେ । ଏ ନେଇ ରାଜ୍ୟ ବି.ଜେ.ପି. ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି । ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀ ୨୯ ତାରିଖ ଅପରାହ୍ନରେ ପହଞ୍ଚିବା ପରେ ଏକ ସାଧାରଣ ସଭାକୁ ସମ୍ବୋଧନ କରିବା ସହ ରାଜଭବନ ପର୍ଯ୍ୟନ୍ତ ରୋଡ୍ ଶୋ'ରେ ଭାଗନେବେ । ଏହାପରେ ଦଳୀୟ କାର୍ଯ୍ୟାଳୟରେ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

## ନିଯୁକ୍ତିପତ୍ର ବଣ୍ଟନ

ଭୁବନେଶ୍ୱର ଓୟୁଏଟି ପରିସରରେ ଆଜି ୯୪୧ ଜଣ ନବନିଯୁକ୍ତ ଅଗ୍ନିଯୋଦ୍ଧାଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରାଯିବ । ଏହି ନିଯୁକ୍ତି ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ନିଯୁକ୍ତିପତ୍ର ପ୍ରଦାନ କରିବେ । ସମାରୋହରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକବର୍ଦ୍ଧନ ସିଂହଦେଓ  ପ୍ରମୁଖ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ପ୍ୟାନ୍-୨.୦

ଦେଶରେ ପର୍ମାନେଣ୍ଟ ଆକାଉଣ୍ଟ ନମ୍ବର ବା ପ୍ୟାନ୍- ଟୁ ପଏଣ୍ଟ ଜିରୋ କାର୍ଯ୍ୟକାରୀ କରାଯିବ । ଏ ନେଇ କେନ୍ଦ୍ର  କ୍ୟାବିନେଟ ମଂଜୁରୀ ପ୍ରଦାନ କରିଛନ୍ତି । ଏଥିରେ ସବୁ ପ୍ୟାନ୍‌କାର୍ଡ ଅପଗ୍ରେଡ୍ କରାଯିବ । ଆୟକର

ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ୧୦ଅଙ୍କ ବିଶିଷ୍ଟ ପ୍ୟାନ୍‌କାର୍ଡରେ କ୍ୟୁଆର୍ କୋଡ୍ ରହିବ, ଯେଉଁଥିରେ କାର୍ଡଧାରୀଙ୍କ ସଂପୂର୍ଣ୍ଣ ବିବରଣୀ ସ୍ଥାନ ପାଇବ । ପ୍ୟାନ୍ ଓ ଟ୍ୟାନ୍ ପ୍ରଦାନ ଏବଂ ପରିଚାଳନା ପ୍ରକ୍ରିୟାକୁ ଶୃଙ୍ଖଳିତ, ଆଧୁନିକୀକରଣ କରିବା, ଏହାକୁ ଅଧିକ ଉପଭୋକ୍ତା ଅନୁକୂଳ ଏବଂ କାର୍ଯ୍ୟକ୍ଷମ କରିବା ହେଉଛି ଏହି ପ୍ରକଳ୍ପର ଉଦ୍ଦେଶ୍ୟ । ବର୍ତ୍ତମାନ ଦେଶରେ ପ୍ରାୟ ୭୮ କୋଟି ପ୍ୟାନ୍ ଏବଂ ପ୍ରାୟ ୭୩ ଲକ୍ଷ ଟ୍ୟାନ୍ ଆକାଉଣ୍ଟ ରହିଛି । ଏହା କେନ୍ଦ୍ର ସରକାରଙ୍କ ଡିଜିଟାଲ ଇଣ୍ଡିଆ ପଦକ୍ଷେପ ସହିତ ଏକକୀକରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ପ୍ୟାନ୍‌କାର୍ଡ ମାଗଣାରେ ଦିଆଯିବ ଏବଂ ଡିଜିଟାଲ ପ୍ରକ୍ରିୟା ଯୋଗୁଁ ଏହା କମ୍ ସମୟରେ ଅପ୍‌ଗ୍ରେଡ୍ ହୋଇପାରିବ । ତଥ୍ୟରେ କୌଣସି ସଂଶୋଧନ ନଥିଲେ ପୁରୁଣା ପାନ୍‌କାର୍ଡଧାରୀଙ୍କୁ ନୂଆ କାର୍ଡ ପାଇଁ ଆବେଦନ କରିବାକୁ ପଡ଼ିବ ନାହିଁ । ସେମାନଙ୍କୁ ତାଙ୍କ ଠିକଣାରେ ନୂତନ ପ୍ୟାନ୍‌କାର୍ଡ ଯୋଗାଇ ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି ।

## ଖାଦ୍ୟ କମିଶନଙ୍କ ଗସ୍ତ

କନ୍ଧମାଳ ଜିଲ୍ଲା ମାଣ୍ଡିପଙ୍କାରେ ଆମ୍ବ ଟାକୁଆ ଜାଉ ଖାଇ ୩ ଜଣଙ୍କ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ରାଜ୍ୟ ଖାଦ୍ୟ କମିଶନ ଅଧ୍ୟକ୍ଷ ଅବନୀକାନ୍ତ ସାହୁ ଜିଲ୍ଲାରେ ପହଞ୍ଚିଛନ୍ତି । ଶ୍ରୀ ସାହୁ ଏହି ଅଞ୍ଚଳରେ ରାସନ ସାମଗ୍ରୀ ବଣ୍ଟନର ସ୍ଥିତିର ଅନୁଧ୍ୟାନ ସହ ବିଭିନ୍ନ କ୍ଷେତ୍ର ପରିଦର୍ଶନ କରି ବ୍ଲକସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ଜଣାପଡ଼ିଛି । ଏହା ସହ ଶୁକ୍ରବାର ଦିନ ଫୁଲବାଣୀରେ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା କାର୍ଯ୍ୟକ୍ରମରେ ଶ୍ରୀ ସାହୁ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ଖାଦ୍ୟ ମାନ

ଭଦ୍ରକ ଜିଲ୍ଲାରେ ଖାଦ୍ୟ ନିରାପତ୍ତା ଆଇନର କାର୍ଯ୍ୟକାରିତା ସଂପର୍କରେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ  ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।  ବୈଠକରେ ଖାଦ୍ୟର ଗୁଣବତ୍ତା ଯାଞ୍ଚ ପାଇଁ ଖାଦ୍ୟ ନିରାପତ୍ତା ଷ୍ଟାର୍ଡ ପକ୍ଷରୁ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା । ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ପ୍ରଦାନ କରାଯାଉଥିବା ଛତୁଆର ମାନ ପରୀକ୍ଷଣ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

## ବନକଲାଗି ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ମାର୍ଗଶୀର କୃଷ୍ଣ ଦ୍ୱାଦଶୀ ତିଥିରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବାପରେ ଗୁପ୍ତନୀତି ଆରମ୍ଭ ହେବ। ଏଥିପାଇଁ ଆଜି ଅପରାହ୍ଣ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଶ୍ରୀବିଗ୍ରହମାନଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ।

## ପାଣିପାଗ

ରାଜ୍ୟରେ କେତେକ ସ୍ଥାନରେ ଆସନ୍ତାକାଲି ଓ ଶୁକ୍ରବାର ଦିନ ସାମାନ୍ୟ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଜଗତ୍‌ସିଂହପୁର, ପୁରୀ, ଗଞ୍ଜାମ, ଗଜପତି, ଭଦ୍ରକ, କେନ୍ଦ୍ରାପଡ଼ା ଓ ବାଲେଶ୍ୱର ଜିଲ୍ଲାର କେତେକ ସ୍ଥାନରେ ସାମାନ୍ୟ ବର୍ଷା ହେବ

ବୋଲି ଅନୁମାନ କରାଯାଇଛି । ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ସୁନ୍ଦରଗଡ଼, କେନ୍ଦୁଝର, କନ୍ଧମାଳ ଏବଂ କଳାହାଣ୍ଡି ଜିଲ୍ଲାରେ କୁହୁଡ଼ି ଅନୁଭୂତ ହେବା ନେଇ ପୂର୍ବାନୁମାନ କରାଯାଇଛି ।